Downloaded From :http://cbseportal.com/

**SAMPLE QUESTION PAPER - 2020**
**CLASS – XII**
**ODIA (113)**

***Time Allowed: 3 hours*** ***Maximum Marks: 80***

**ସୂଚ଼ନା–** ଏହି ପ୍ରଶ୍ନପତ୍ରରେ ଚ଼ାରିଗୋଟି ବିଭାଗ ରହିଛି ।

| | | | | |
|---|---|---|---|---|
| (କ) | ପଠନ | – | Reading | = 10 Marks |
| (ଖ) | ଲିଖନ | – | Writing | = 15 Marks |
| (ଗ) | ବ୍ୟାକରଣ | – | Grammar | = 20 Marks |
| (ଘ) | ସାହିତ୍ୟ | – | Literature | = 35 Marks |

ନିର୍ଦ୍ଦେଶାନୁଯାୟୀ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ ।

## ‘କ’ ବିଭାଗ

1. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପାଠ କରି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (5x2=10)

ସ୍ୱାଧୀନ ଭାବରେ କୌଣସି କଥା ଚ଼ିନ୍ତା ନକରି ଶୁଣିଥିବା କିମ୍ବା ପ୍ରଚ଼ଳିତ କଥାକୁ ଗ୍ରହଣ କରି ତାହା ପ୍ରକାଶ କରିବା ଅଜ୍ଞତାର ପରିଚ଼ୟ ଦିଏ । ଶିକ୍ଷିତ ଯୁବକ ମାନଙ୍କର ଉଦାସୀନ ମନୋଭାବ, ଅଭ୍ୟାସର ମୋହ ତଥା କୁସଂସ୍କାର ପ୍ରତି ଅହେତୁକ ଦୁର୍ବଳତା ତା’ର ସ୍ୱାଧୀନ ଚ଼ିନ୍ତନ ଶକ୍ତିକୁ ଦୁର୍ବଳ ଅଥବା ପଙ୍ଗୁ କରିଦିଏ । ଏହା ସମାଜ ଜୀବନ ଏବଂ ରାଷ୍ଟ୍ରପାଇଁ ଶୁଭଙ୍କର ନୁହେଁ । ତେଣୁ ମଣିଷ ତା’ର ଈଶ୍ୱରଦତ୍ତ ଚ଼େତନାକୁ ଆଧାର କରି ଭଗବତ୍ ବିଶ୍ୱାସ ପୂର୍ବକ ନିର୍ଭୀକ ଭାବେ ସ୍ୱାଧୀନ ମତ ପୋଷଣ କରିବା ଉଚ଼ିତ୍ । ଏହାଦ୍ୱାରା ସମାଜରେ ସତ୍ୟ, ଧର୍ମ ଓ ନ୍ୟାୟ ପ୍ରତିଷ୍ଠିତ ହୋଇପାରିବ । ଆମେ ବିଜ୍ଞାନ ଯୁଗରେ ପହଞ୍ଚିଥିଲେ ମଧ ବିଜ୍ଞାନର ବହୁ ଉପାଦେୟ ମୂଲ୍ୟବୋଧ ପ୍ରତି ଦୃଷ୍ଟି ଦେଉନାହୁଁ । ଅଥଚ଼ ବହୁ ପ୍ରାଚ଼ୀନ କାଳରେ ମୁନିଋଷିମାନେ ଅରଣ୍ୟର ନିର୍ଜନ କୋଳରେ ବସି ଯାହା ଅନୁଭବ କରିଥିଲେ ତାହା ଶାଶ୍ୱତ ହୋଇ ରହିପାରିଛି । ତା’ର କାରଣ ହେଉଛି, ସେମାନେ ଥିଲେ ସ୍ୱାଧୀନ ଚ଼ିନ୍ତକ; କାହାର ଇଚ୍ଛାରେ ସେମାନେ ପରିଚାଳିତ ନହୋଇ ନିଜର ଜ୍ଞାନଭୂମିକୁ ବିକଶିତ କରୁଥିଲେ । ଈଶ୍ୱରଙ୍କଠାରେ ଧ୍ୟାନରଖି ଜଗତ ଓ ଜୀବନକୁ ଜ୍ଞାନ ନେତ୍ରରେ ଦର୍ଶନ କରୁଥିଲେ । ସ୍ୱାଧୀନ ଚ଼ିନ୍ତା ସେମାନଙ୍କୁ କାଳର ଗ୍ରାସରୁ ମୁକ୍ତ ରଖି ଆସିଛି । ସ୍ୱାଧୀନ ଚ଼ିନ୍ତା ଅଭାବରେ ମାନବ ସମାଜର ଅଧୋଗତି ଆସି ପହଞ୍ଚିଯାଏ ।

**– ପ୍ରଶ୍ନାବଳୀ –**

(କ) ମୁନିଋଷିମାନେ କିପରି ନିଜର ଜ୍ଞାନଭୂମିକୁ ବିକଶିତ କରୁଥିଲେ ?
(ଖ) କେଉଁ କଥା ଆମର ଅଜ୍ଞତାର ପରିଚ଼ୟ ଦେଇଥାଏ ?
(ଗ) ଶିକ୍ଷିତ ଯୁବକମାନଙ୍କର କେଉଁ ଭାବ ତାଙ୍କୁ ପଙ୍ଗୁ ସଜାଇଥାଏ ?
(ଘ) ସମାଜରେ ସତ୍ୟ, ଧର୍ମ ଓ ନ୍ୟାୟ କିପରି ପ୍ରତିଷ୍ଠିତ ହୋଇପାରିବ ?
(ଙ) ମାନବ ସମାଜର ଅଧୋଗତି କିପରି ହୋଇଥାଏ ?



Downloaded From :http://cbseportal.com/ Courtesy : CBSE

Downloaded From : http://cbseportal.com/

## 'ଖ' ବିଭାଗ

2. ଯେ କୌଣସି ଗୋଟିଏ ପ୍ରବନ୍ଧ ଲେଖ । (8)

   ସାଧାରଣ ନିର୍ବାଚନ ଓ ଜନସାଧାରଣ

   ଆଧୁନକ ଯୁଗ ଓ ବିଜ୍ଞାନ

   ବିଦ୍ୟାଳୟରେ ନୈତିକ ଶିକ୍ଷାର ଆବଶ୍ୟକତା

3. ତୁମ ଅଞ୍ଚଳରେ ଅଚଳ ହୋଇ ପଡ଼ିଥିବା ନଳକୂପ ଗୁଡ଼ିକର ମରାମତି କାର୍ଯ୍ୟ ସଂପନ୍ନ କରିବା ନିମନ୍ତ ଜନସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦରଖାସ୍ତ ଲେଖ । (7)

   **କିମ୍ବା**

   ତୁମ ଅଞ୍ଚଳ ବନ୍ୟାରେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି । ଏ ଅଞ୍ଚଳକୁ ରିଲିଫ୍ ସାମଗ୍ରୀ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଅନୁରୋଧ କରି ଜିଲ୍ଲାପାଳଙ୍କୁ ଏକ ଦରଖାସ୍ତ ଲେଖ ।

## 'ଗ' ବିଭାଗ

4. (କ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୫ଟିର) (5)

   ପୁରସ୍କାର, ନିରପେକ୍ଷ, ଦୋଷୀ, ପ୍ରାକୃତିକ, ଭୀମ , ଶ୍ରୋତା, ସାକ୍ଷର

   (ଖ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । (୫ଟିର) (5)

   ସ୍ମୃତି-ଶ୍ରୁତି, ସର-ଶର, ସର୍ଗ-ସ୍ୱର୍ଗ, ନିଧନ-ନିର୍ଦ୍ଧନ, ଶାପ-ସାପ, ଶିଳ-ଶୀଳ, ମତ-ମତ୍ତ

5. (କ) ଭ୍ରମ ସଂଶୋଧନ କର । (୫ଟିର) (5)

   ପୂଜ୍ୟାସ୍ପଦ, ଉପଯୋଗୀତା, ଶଶୀଭୁଷଣ, ପୌରୁଷତା, ସାର୍ବଜନିନ, ଦାରିଦ୍ର୍ୟତା, ଅକ୍ଷୁର୍ଣ୍ଣ

   (ଖ) ଏକପଦରେ ପ୍ରକାଶ କର । (୫ଟିର) (5)

   ଭୋଜନ କରିବାକୁ ଇଚ୍ଛୁକ, ବିଷ୍ଣୁଙ୍କର ଉପାସକ, ଯିଏ ନ୍ୟାୟ ଦିଅନ୍ତି, ଯିଏ ସଂସାର ତ୍ୟାଗ କରନ୍ତି, ଭଗିନୀର ପୁତ୍ର, ପ୍ରତିଷ୍ଠା ଲାଭ କରିଛନ୍ତି ଯେ, ସହିବା ସ୍ୱଭାବ ଯାହାର

## 'ଘ' ବିଭାଗ

6. ସପ୍ରସଙ୍ଗ ସରଳାର୍ଥ ଲେଖ । (5)

   ଯହିଁରେ ମାନବ ପ୍ରକୃତିର କ୍ରମ ବିକାଶର ଛବି ପ୍ରତିବିମ୍ବିତ ନାହିଁ, ତାହା ପ୍ରକୃତ ଇତିହାସ ପଦବାଚ୍ୟ ହୋଇ ନପାରେ ।

   **କିମ୍ବା**

   ଶିକ୍ଷା ପ୍ରସାର ବାହାରକୁ ଯେତେ ଦେଖା ଯାଉଥିଲେ ମଧ ଯେଉଁମାନେ ଶିକ୍ଷା କଥା ଜାଣୁଛନ୍ତି, ସେମାନେ ନିଶ୍ଚୟ ଅନୁଭବ କରୁଥିବେ ଶିକ୍ଷାରାଜ୍ୟରେ ଏକ ନିରୁପାୟ ଅବସ୍ଥା ଆସି ପହଞ୍ଚିଲାଣି ।



Downloaded From : http://cbseportal.com/ Courtesy : CBSE

Downloaded From :http://cbseportal.com/

7. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ । (୩ଟିର) (3x2=6)

(କ) କେଉଁ ଦେଶରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା ହିଁ ବିଶେଷ କାମ କରେ ?

(ଖ) ଇତିହାସରେ କେଉଁ ପ୍ରୟୋଜନୀୟ ବିଷୟର ସମାବେଶ ହୋଇଅଛି ?

(ଗ) ନିଘଞ୍ଚ ବନମଧ୍ୟରେ ଥିବା ବନବାସୀମାନଙ୍କ ବାସଭୂମିକୁ ଜଳଦ କିପରି ଚିହ୍ନିପାରିବ ?

(ଘ) ପାଣ୍ଡୁ ମୁରୁକି ହସି ଦେଇ ଗୋସାଇଁଙ୍କୁ କ'ଣ କହିଲା ?

(ଙ) କ'ଣ କଲେ ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରହିପାରିବ ?

8. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛିଲେଖ । (4x1=4)

(କ) କେଉଁ ମହାଦେଶରେ ନିରକ୍ଷରତା ସବୁଠୁ ବଡ଼ ସମସ୍ୟା ?

(i) ଏସିଆ (ii) ୟୁରୋପ (iii) ଆମେରିକା (iv) ଆଫ୍ରିକା

(ଖ) ଗଣତନ୍ତ୍ରର ମେରୁଦଣ୍ଡ କ'ଣ ?

(i) ଏକକ ମନୋନୟନ (ii) ଲୋକପ୍ରତିନିଧି ମନୋନୟନ,

(iii) ସାମ୍ରାଜ୍ୟବାଦ (iv) ଏକଛତ୍ରବାଦ

(ଗ) କାହାର କୋଳାହଳ ପାଇଁ ନୀଳାଚଳନାଥଙ୍କ କାନରେ ଭକ୍ତର କାତର ଡାକ ପଡ଼େନାହିଁ ?

(i) ପ୍ରଭଞ୍ଜନ (ii) ଝାଉଁବଣ, (iii) ସିନ୍ଧୁ (iv) ଜନତା

(ଘ) କେଉଁ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମ୍ଭମାନଙ୍କର ହୃତକମ୍ପ ହୁଏ ?

(i) ଅସହଯୋଗ ଆନ୍ଦୋଳନ (ii) ସିପାହୀ ବିଦ୍ରୋହ

(iii) ଭୂଦାନ ଆନ୍ଦୋଳନ (iv) ଫରାସୀ ରାଷ୍ଟ୍ର ବିପ୍ଳବ

9. ସପ୍ରସଙ୍ଗ ସରଳାର୍ଥ ଲେଖ । (5)

ତାପସଙ୍କୁ କିଛି ତୁମ୍ଭ ନଥାଏ ଅଦେୟ
ମୁହିଁ ତପସ୍ୱିନୀ ମୋତେ ନକରିବ ହେୟ ।

**କିମ୍ବା**

ପତିତ ପାବନ ବନ୍ଧୁ ସେ ମୋର ବିଶ୍ୱ ପରଶମଣି
ପୁଣ୍ୟ ପରଶେ ସ୍ୱର୍ଣ୍ଣ କରିବେ ଏ ମୋର ଅଙ୍ଗ ପୁଣି ।

10. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ । (୩ଟିର) (3x2=6)

(କ) ପିଙ୍ଗଳାର ମନରେ କାହିଁକି ବୈରାଗ୍ୟ ଭାବ ଜାତ ହେଲା ?

(ଖ) କବି ଗୋପବନ୍ଧୁଙ୍କ ମନପ୍ରାଣ କାହିଁକି ବିରହ ବିଷାଦରେ ଘାରୁଥିଲା ?

(ଗ) ନିଜର ପୁତ୍ର ମାନଙ୍କର କେଉଁ ଅସହାୟତା ବିଷୟରେ ସୀତା ପତ୍ର ମାଧ୍ୟମରେ ସ୍ୱାମୀଙ୍କୁ ଲେଖିଥିଲେ ?

(ଘ) ଆଲେକ୍‌ଜାଣ୍ଡାରଙ୍କର ଶେଷ ଇଚ୍ଛା କ'ଣ ଥିଲା ?

(ଙ) 'ଜୟହେଉ ପୀଡ଼ନର' କହିବାର ତାତ୍ପର୍ଯ୍ୟ କ'ଣ ?



Downloaded From :http://cbseportal.com/ Courtesy : CBSE

Downloaded From : http://cbseportal.com/

11. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛିଲେଖ । (4x1=4)

(କ) ମୃତ୍ୟୁ ବହୁଦୂରରେ ଅଛିବୋଲି ମନେକରି ଯିଏ ହସୁଥାଏ, ତା'ର କିପରି ଗତି ଘଟିଥାଏ ?

(i) ତାଜୀବନ ଦୀର୍ଘସ୍ଥାୟୀ ହୋଇଥାଏ

(ii) ହସିହସି ମୃତ୍ୟୁ ତା' ପଛରେ ଆସି ବସିଯାଏ

(iii) ତା'ର ମୃତ୍ୟୁ ଭୟ ଲୋପ ପାଇଯାଏ

(iv) ସେ ଆନନ୍ଦରେ ରହେ

(ଖ) ତାପସଙ୍କ ଅଶାନ୍ତି–ନାଶକବୋଲି କାହାକୁ କୁହାଯାଇଛି ?

(i) ରାମଚନ୍ଦ୍ର (ii) ରାବଣ (iii) ସୀତା (iv) ବାଲ୍ମୀକି

(ଗ) ବନ୍ଦୀ ଗୋପବନ୍ଧୁଙ୍କ ପ୍ରାଣରେ କେଉଁ ଦୃଶ୍ୟ କଷ୍ଟ ଦେଉଥିଲା ?

(i) ଅନ୍ୟଜଣେ ବନ୍ଦୀପ୍ରତି ଅତ୍ୟାଚାର

(ii) ଅସ୍ତକାଳୀନ ସୂର୍ଯ୍ୟର ସ୍ନିଗ୍ଧ କିରଣ

(iii) ନୀଡ଼ବାହୁଡ଼ା ପକ୍ଷୀମାନଙ୍କର ଆଗମନର ଦୃଶ୍ୟ

(iv) ସଂଧ୍ୟାର ବିରହ ଦୃଶ୍ୟ

(ଘ) ପିଙ୍ଗଳା କେଉଁ ନଗରର ନଟୀ ଥିଲା ?

(i) ଅବନ୍ତୀ (ii) ଉଜ୍ଜୟିନୀ (iii) ବିଦେହ (iv) କୋଶଳ

12. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ନିଜ ଭାଷାରେ ଲେଖ । (5)

(i) 'ପତାକା ଉତ୍ତୋଳନ' ଗଳ୍ପ ଆଧାରରେ ସ୍ୱାଧୀନତା ଆନ୍ଦୋଳନରେ ଅରୁଣର ଭୂମିକା ସଂପର୍କରେ ଆଲୋଚନା କର ।

(ii) ମାଷ୍ଟରଜୀଙ୍କ ସହ ଅଶୋକଙ୍କ ସାକ୍ଷାତର ଏକ ବିବରଣୀ ଦିଅ ।

(iii) 'ସଭ୍ୟଜମିଦାର' ଗଳ୍ପରୁ ଇଂରାଜୀ ଶିକ୍ଷାର କୁପ୍ରଭାବ ସଂପର୍କରେ ଆଲୋକପାତ କର ।

* * *



Downloaded From : http://cbseportal.com/ Courtesy : CBSE